# ଅଧ୍ୟାୟ - II


# ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ଇତ୍ୟାଦି

# ଅଧ୍ୟାୟ II

## ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ଇତ୍ୟାଦି

### 2.1 କର-ପ୍ରଶାସନ

ମୂଲ୍ୟଯୁକ୍ତ କର, ପ୍ରବେଶ କର, କେନ୍ଦ୍ରୀୟ ବିକ୍ରୟ କର, ବୃତ୍ତିଗତ କର, ପ୍ରମୋଦ କର ଏବଂ ଦ୍ରବ୍ୟ ଓ ସେବା କର (01 ଜୁଲାଇ 2017 ଠାରୁ ପ୍ରଚଳିତ) ଇତ୍ୟାଦିର କର ନିର୍ଦ୍ଧାରଣ ଏବଂ ଆଦାୟ କ୍ରମାନ୍ୱୟରେ ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ(ଓଭାଟ୍), 2004, ଓଡ଼ିଶା ପ୍ରବେଶ କର(ଓଇଟି) ଅଧିନିୟମ 1999, କେନ୍ଦ୍ରୀୟ ବିକ୍ରୟ କର(ସିଏସ୍‌ଟି) ଅଧିନିୟମ 1956, ବୃତ୍ତିଗତ କର, ପ୍ରମୋଦ କର ଅଧିନିୟମ 2006 ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବା କର(ଓଜିଏସ୍‌ଟି) ଅଧିନିୟମ, 2017 ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ପରିଚାଳିତ ହୁଏ । ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ପ୍ରଶାସନ ପାଇଁ ସାଂଗଠନିକ ବ୍ୟବସ୍ଥା ନିମ୍ନମତେ ଅଟେ ।




### 2.2 ଆଭ୍ୟନ୍ତରୀଣ ସମୀକ୍ଷା

ଆଭ୍ୟନ୍ତରୀଣ ନିୟନ୍ତ୍ରଣ କାର୍ଯ୍ୟବିଧି ନିର୍ଦ୍ଧାରଣ କରିବାର ଦାୟିତ୍ୱରେ ଥିବା ଆଭ୍ୟନ୍ତରୀଣ ସମୀକ୍ଷା ଶାଖା (ଆଇଏଡବ୍ଲୁ) 2002-03 ଠାରୁ କାର୍ଯ୍ୟକ୍ଷମ ନଥିଲା । ପୂର୍ବ ବର୍ଷ ଗୁଡ଼ିକର ସମୀକ୍ଷା ରିପୋର୍ଟ (ରାଜସ୍ୱ ପ୍ରାପ୍ତି) ରେ ଏହା ଦର୍ଶାଯିବା ସତ୍ତ୍ୱେ ଆଭ୍ୟନ୍ତରୀଣ ସମୀକ୍ଷା ଶାଖା (ଆଇଏଡବ୍ଲୁ)କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବିଭାଗ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା । ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ ଆଭ୍ୟନ୍ତରୀଣ ସମୀକ୍ଷା ଶାଖାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଇଅଛି ।

### 2.3 ସମୀକ୍ଷା ପଦ୍ଧତି ଓ ସମୀକ୍ଷାର ଫଳାଫଳ

ଓଡ଼ିଶା ସରକାରଙ୍କ ମୂଲ୍ୟଯୁକ୍ତ କର ସୂଚନା ପଦ୍ଧତି (ଭାଟିସ୍) ରିଟର୍ଣ୍ଣ ଦାଖଲ, କର ଫେରସ୍ତ ପାଇଁ ଆବେଦନ ଏବଂ ପଞ୍ଜୀକୃତ ବ୍ୟବସାୟୀଙ୍କର କର ପ୍ରଦାନ (ମୂଲ୍ୟ ଯୁକ୍ତ କର, ପ୍ରବେଶ କର, କେନ୍ଦ୍ରୀୟ ବିକ୍ରୟ କର) ପାଇଁ ସେବା ଯୋଗାଇ ଦିଏ । ବାଣିଜ୍ୟକର କମିଶନର ଏବଂ ବିଭିନ୍ନ ରେଞ୍ଜ ଏବଂ ବାଣିଜ୍ୟକର ମଣ୍ଡଳ ଗୁଡ଼ିକ ଭାଟିସ୍‌କୁ ଏକ ଉତ୍ସର୍ଗୀକୃତ ନେଟୱାର୍କ ଦ୍ୱାରା ସଂପୃକ୍ତ ହୋଇଛନ୍ତି । ପଞ୍ଜୀକୃତ ବ୍ୟବସାୟୀମାନେ ଏକ ୱେବ୍ ଆଧାରିତ ପ୍ରୟୋଗ ଦ୍ୱାରା ଏହି ସେବା ଗୁଡ଼ିକ ଉପଲବ୍ଧି କରନ୍ତି ।

ବାଣିଜ୍ୟ କର କମିଶନରଙ୍କ ଅଧିନରେ ଥିବା ଅଡିଟ୍ ୟୁନିଟ୍ କେତେଗୁଡ଼ିଏ ରିସ୍କ ପାରାମିଟର ଯଥା ବାଣିଜ୍ୟକର କମିଶନରଙ୍କ ଦ୍ୱାରା ଯୋଗାଇ ଦେଇଥିବା ବାର୍ଷିକ ଏକତ୍ରିକୃତ ଡାଟା[8] ଉପରେ ଏବଂ କର ନିର୍ଦ୍ଧାରଣ ସଂଖ୍ୟାକୁ ଭିତ୍ତିକରି ମନୋନୀତ କରାଯାଏ । ମନୋନୀତ ଅଡିଟ୍ ୟୁନିଟର କ୍ଷେତ୍ର ସମୀକ୍ଷା ସମୟରେ ଅଡିଟ୍ ପାର୍ଟି,

8 ସମସ୍ତ ମଣ୍ଡଳ ଏବଂ ରେଞ୍ଜ୍ ସମୂହଙ୍କ କର ନିର୍ଦ୍ଧାରଣ ଡାଟା, ରାଜସ୍ୱ ସୃଷ୍ଟି ପ୍ରଭୃତିର ଅଫ୍ ଲାଇନ୍ ଡାଟା

ବ୍ୟବସାୟୀଙ୍କର ବିଭିନ୍ନ କର ଅବଧିର ରିଟର୍ଣ୍ଣ, କର ଜମା, ବ୍ୟବସାୟୀଙ୍କର ମୋଟ କାରବାର, ବ୍ୟବସାୟୀଙ୍କର ପଞ୍ଜୀକୃତ ପ୍ରମାଣ ପତ୍ର ଏବଂ ଅନ୍ୟ କିଛି ତଥ୍ୟ ପାଇଁ ଏକ ବରାଦ ଉପସ୍ଥାପନ କରନ୍ତି । ମଗାଯାଇଥିବା ତଥ୍ୟ, ଭାଟିସ୍ ଡାଟାବେସରୁ ଏସ୍‌କ୍ୟୁଏଲ୍ କ୍ୱେରି ମାଧ୍ୟମରେ ଉଦ୍ଧୃତ କରାଯାଏ ଏବଂ ସେ ତଥ୍ୟକୁ ଏକ୍ସେଲ୍ ଫାଇଲ୍ ମାଧ୍ୟମରେ ଅଡିଟ ପାର୍ଟିକୁ ଯୋଗାଇ ଦିଆଯାଏ । ପ୍ରାପ୍ତ ହୋଇଥିବା ତଥ୍ୟଗୁଡ଼ିକ ସମୀକ୍ଷା ମାଧ୍ୟମରେ କର ନିର୍ଦ୍ଧାରଣ ଆଦେଶ ଗୁଡ଼ିକର ପ୍ରତି ସତ୍ୟାପନ କରାଯାଏ ।

2018-19 ବର୍ଷ ମଧ୍ୟରେ ଅର୍ଥ ବିଭାଗର ବାଣିଜ୍ୟ କର ଶାଖାର ସମସ୍ତ 58 ୟୁନିଟ୍ (ଶତ ପ୍ରତିଶତ) ଅଡିଟ୍ କରାଯାଇଥିଲା । ସମସ୍ତ 58 ୟୁନିଟର ରାଜସ୍ୱ ଆଦାୟ 23,206.90 କୋଟି ଟଙ୍କା ଥିଲା ଏବଂ ସମସ୍ତ ରାଜସ୍ୱ ଆଦାୟର ଶତ ପ୍ରତିଶତ ସମୀକ୍ଷା ହୋଇଥିଲା । କର ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ନଥିପତ୍ରର ନମୁନା ସମୀକ୍ଷାରେ ଜଣାଗଲା ଯେ ଓଡ଼ିଶା ଦ୍ରବ୍ୟ ଏବଂ ସେବା କର (ଓଜିଏସ୍‌ଟି), ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍), କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି), ଓଡ଼ିଶା ପ୍ରବେଶ କର(ଓଇଟି), ପ୍ରମୋଦ କର (ଇଟି) ଏବଂ ବୃତ୍ତିଗତ କର (ପିଟି) ସଂପୃକ୍ତ ଥିବା 261 ଟି ମାମଲାରେ 528.58 କୋଟି ଟଙ୍କାର କରର ଅବନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଅନିୟମିତତା ହୋଇଥିଲା । ବର୍ଗ-ଓ୍ୱାରୀ ସମୀକ୍ଷା ସିଦ୍ଧାନ୍ତ ସାରଣୀ 2.1 ରେ ଦର୍ଶାଗଲା ।

**ସାରଣୀ 2.1: ରାଜସ୍ୱ ଉପରେ ବର୍ଗ-ଓ୍ୱାରୀ ସମୀକ୍ଷା ସିଦ୍ଧାନ୍ତର ବିବରଣ**

**(ଟଙ୍କା କୋଟିରେ)**

| କ୍ର.ସଂ. | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ବିକ୍ରୟ କର / ମୂଲ୍ୟଯୁକ୍ତ କର (ସିଏସ୍‌ଟିକୁ ମିଶାଇ)** | | | |
| 1 | କରର ଅବନିର୍ଦ୍ଧାରଣ | 18 | 13.36 |
| 2 | ତ୍ରୁଟିପୂର୍ଣ୍ଣ ଘୋଷଣାପତ୍ରର ଗ୍ରହଣ | 10 | 1.42 |
| 3 | ନିବେଶ କର ଜମାର ଅନିୟମିତ/ ଭୁଲ୍ / ମାତ୍ରାଧିକ ମଞ୍ଜୁରୀ | 14 | 3.34 |
| 4 | ଅନ୍ୟାନ୍ୟ ଅନିୟମିତତା [9] | 136 | 47.23 |
| | **ମୋଟ** | **178** | **65.35** |
| **ପ୍ରବେଶ କର** | | | |
| 1 | କରର ଅବନିର୍ଦ୍ଧାରଣ | 8 | 6.18 |
| 2 | ଅନ୍ୟାନ୍ୟ ଅନିୟମିତତା [10] | 16 | 356.47 |
| | **ମୋଟ** | **24** | **362.65** |
| **ଦ୍ରବ୍ୟ ଓ ସେବା କର** | | | |
| 1 | ବିକ୍ରୟ/କ୍ରୟର ସଂଗୋପନ ହେତୁ କର ଫାଙ୍କି | 1 | 16.07 |
| 2 | ନିବେଶ କର ଜମାର ଅନିୟମିତ/ ଭୁଲ୍ / ମାତ୍ରାଧିକ ପ୍ରଦାନ | 4 | 0.10 |
| 3 | ଅନ୍ୟାନ୍ୟ ଅନିୟମିତତା [11] | 50 | 83.21 |
| | **ମୋଟ** | **55** | **99.38** |
| **ବୃତ୍ତିଗତ କର** | | | |
| 1 | ଅନ୍ୟାନ୍ୟ ଅନିୟମିତତା [12] | 4 | 1.20 |
| | **ମୋଟ** | **4** | **1.20** |
| | **ସର୍ବ ମୋଟ** | **261** | **528.58** |

[9] ବାଧ୍ୟତାମୂଳକ ଜୋରିମାନାର ଅନାରୋପଣ, ଓଭାଟ୍ ଅଧିନିୟମର ଧାରା 34 ଅଧିନରେ ସୁଧର ଅନାରୋପଣ, ଅନାଦାୟ କର ଉପରେ ଜୋରିମାନା ଆଦାୟ ନ କରି ସରକାରୀ ରାଜସ୍ୱ ଅବରୋଧ, ଜୋରିମାନାର ସ୍ୱଳ୍ପାରୋପଣ, କ୍ରେଡିଟ୍ ନୋଟର ଅନିୟମିତ ମଞ୍ଜୁରୀ ହେତୁ ଅଧିକ କର ଫେରସ୍ତ, କ୍ରୟ କର ଏବଂ ଜୋରିମାର ଅନାରୋପଣ, ଓଡ଼ିଶା ବିକ୍ରୟ କର ଅଧିନିୟମର ଧାରା 12(4) ଅଧିନରେ ଅଧିକ ଶ୍ରମ ଓ ସେବା ଶୁଳ୍କ ହେତୁ କରର ଅନାରୋପଣ ।

[10] ଅତ୍ୟଧିକ ପ୍ରବେଶ କର ପ୍ରତିବଦଳର ଅନିୟମିତତା ମଞ୍ଜୁରୀ, ଅଧିକ ପ୍ରବେଶ କର ଫେରସ୍ତ, ଅନୁସୂଚିତ ଦ୍ରବ୍ୟର ବିକ୍ରି ଉପରେ ପ୍ରବେଶ କରର ଅନାରୋପଣ, ପ୍ରବେଶ କର ଉପରେ ସୁଧର ଅନାରୋପଣ ଇତ୍ୟାଦି ।

[11] ମାର୍ଗପତ୍ର(ଓ୍ୱେ ବିଲ) ନେଣଦେଣ ଥିବା କିନ୍ତୁ ରିଟର୍ଣ୍ଣ ଦାଖଲ କରିନଥିବା କରଦାତାଙ୍କ ହିସାବ ଖାତାର ଯାଞ୍ଚ ନକରିବା, ବାତିଲ ବ୍ୟବସାୟୀଙ୍କର ନିବେଶ କର ଜମାର ଅସୁଲ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନକରିବା, ଦ୍ରବ୍ୟ ଓ ସେବା କର ଅଧିନରେ ଫେରସ୍ତ ମାମଲାଗୁଡ଼ିକର ବିଳମ୍ବରେ ଫଏସଲା, ପ୍ରବେଶ କର ଦେୟ ଏବଂ ଉତ୍ସରେ କଟାଯାଇଥିବା କରକୁ ମଧ୍ୟକାଳୀନ ଜମା ଭାବେ ଗ୍ରହଣ କରିବା, ଅଗ୍ରହଣୀୟ ଟ୍ରାନ-1 ଜମା ଉପଯୋଗ କରିଥିବା ବ୍ୟବସାୟୀଙ୍କ ଠାରୁ ଅସୁଲ ପାଇଁ ପଦକ୍ଷେପ ଇତ୍ୟାଦି ।

[12] ବୃତ୍ତିଗତ କର ପୈଠରେ ବିଳମ୍ବ ପାଇଁ ସୁଧର ଅନାରୋପଣ, କର ନିର୍ଦ୍ଧାରଣ ଏବଂ ବୃତ୍ତିକର ଆଦାୟ ନକରିବା ଇତ୍ୟାଦି ।

2018-19 ବର୍ଷ ମଧ୍ୟରେ ଚଳିତ ବର୍ଷର ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା 23 ଟି ମାମଲାରେ 1.48 କୋଟି ଟଙ୍କାର ଅବନିର୍ଦ୍ଧାରଣ ବିଭାଗ ସ୍ୱୀକାର କରିଥିଲା ଏବଂ ପୂର୍ବବର୍ଷ ଗୁଡ଼ିକରେ ଦର୍ଶାଯାଇଥିବା 21 ଟି ମାମଲାରେ 1.05 କୋଟି ଟଙ୍କା ମଧ୍ୟ ଅସୁଲ କରାଯାଇଥିଲା ।

ବିକ୍ରିକର/ ମୂଲ୍ୟଯୁକ୍ତ କର ଏବଂ କେନ୍ଦ୍ରୀୟ ବାଣିଜ୍ୟ କର ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ମୁଖ୍ୟତଃ ଚାରୋଟି ବର୍ଗରେ, ଦ୍ରବ୍ୟ ଓ ସେବା କର ସମୀକ୍ଷା ନମୁନା ଗୁଡ଼ିକ ତିନୋଟି ବର୍ଗରେ ଏବଂ ପ୍ରବେଶ କର ଦୁଇଟି ବର୍ଗରେ ଅନ୍ତର୍ଭୁକ୍ତ । ସେହି ପ୍ରକାରର ଅନିୟମିତତା, ତ୍ରୁଟିବିଚ୍ୟୁତି ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକରର ଅନ୍ୟ ୟୁନିଟ୍ ମାନଙ୍କରେ ଥାଇପାରେ କିନ୍ତୁ ସେଗୁଡ଼ିକ ନମୁନା ସମୀକ୍ଷାରେ ଅନ୍ତର୍ଭୁକ୍ତ ହୋଇପାରି ନାହିଁ । ଏଣୁ, ଅର୍ଥ ବିଭାଗ ବାଣିଜ୍ୟ ଓ ଦ୍ରବ୍ୟ ଓ ସେବା କର ଆୟୁକ୍ତଙ୍କର ସମସ୍ତ ବାଣିଜ୍ୟ କର ୟୁନିଟ୍ ଗୁଡ଼ିକୁ ଆନ୍ତଃ ସମୀକ୍ଷା କରି ଯେପରି ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥା ଅନୁସାରେ ସଠିକ୍ ଆରୋପଣ ହୁଏ ସେଥିପାଇଁ ପ୍ରଚେଷ୍ଟା କରିବାକୁ ଚାହିଁବେ ।

## 2.4 ସମୀକ୍ଷା ମନ୍ତବ୍ୟ

ଅଡିଟ୍, ରାଜ୍ୟର ବାଣିଜ୍ୟକର ରେଞ୍ଜ/ ମଣ୍ଡଳ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍), କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଏବଂ ଓଡ଼ିଶା ପ୍ରବେଶ କର (ଓଇଟି) ସମ୍ବନ୍ଧୀୟ କର ନିର୍ଦ୍ଧାରଣ ନଥିପତ୍ର ଗୁଡ଼ିକର ନମୁନା ଯାଞ୍ଚ କରିଥିଲା । ଅଡିଟ୍ ଅଧିକାଂଶ ମାମଲାରେ କର ଏବଂ ଜୋରିମାନାର ଅନାରୋପଣ/ ସ୍ୱଳ୍ପାରୋପଣ ହୋଇଥିବାର ଲକ୍ଷ୍ୟ କରିଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଯାଇଛି । ଏହି ମାମଲା ଗୁଡ଼ିକ ଦୃଷ୍ଟାନ୍ତମୂଳକ ଏବଂ ଅଡିଟ୍ ଦ୍ୱାରା କରାଯାଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ ।

## ଓଡ଼ିଶା ମୂଲ୍ୟଯୁକ୍ତ କର

## 2.5 ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥା ତଥା ସରକାରୀ ଅଧିସୂଚନାର ଅନୁପାଳନ ନହେବା

*ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ (ଓଭାଟ୍), 2004, ତଦଧିନ ପ୍ରଣୀତ ଓଡ଼ିଶା ମୂଲ୍ୟଯୁକ୍ତ କର ନିୟମାବଳୀ, 2005, ଓଡ଼ିଶା ପ୍ରବେଶ କର ଅଧିନିୟମ, 1999, କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ, 1956 ଏବଂ କେନ୍ଦ୍ରୀୟ ବିକ୍ରୟ କର ନିୟମାବଳୀ, 1957 ରେ ବ୍ୟବସ୍ଥା ଅଛି ଯେ:*

- *ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ପରିଦର୍ଶନ ରିପୋର୍ଟ (ଏଭିଆର) ଆଧାରରେ ସମୀକ୍ଷା ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା;*
- *ନିବେଶ କର ଜମା (ଆଇଟିସି)ର ସମାଯୋଜନ ପୂର୍ବକ ଉତ୍ପାଦିତ ଦ୍ରବ୍ୟର କରଯୋଗ୍ୟ କାରବାର (ଟିଟିଓ) ର ସଠିକ୍ ନିର୍ଦ୍ଧାରଣ କରି କର ଧାର୍ଯ୍ୟ କରିବା;*
- *ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ନିର୍ଦ୍ଧାରଣ ସମୟରେ ନିର୍ଦ୍ଧାରିତ କର ଅତିରିକ୍ତ ନିର୍ଦ୍ଧାରିତ ହାରରେ ଜୋରିମାନା ଆରୋପଣ କରିବା;*
- *ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ କର/ ସୁଧ/ ଜୋରିମାନା ଆରୋପଣ ଏବଂ ଆଦାୟ କରିବା ଏବଂ*
- *ନିର୍ଦ୍ଧାରିତ ତାରିଖ ମଧ୍ୟରେ ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବ (ସିଏଏ) ଉପସ୍ଥାପନ ନ ହେଲେ ଜୋରିମାନା ଧାର୍ଯ୍ୟ କରିବା ।*

*ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀମାନଙ୍କର ନିର୍ଦ୍ଦିଷ୍ଟ କର ଅବଧି ପାଇଁ ସମୀକ୍ଷା ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା ସମୟରେ ଉପରୋକ୍ତ କେତେକ ବ୍ୟବସ୍ଥା ଗୁଡ଼ିକର ଅନୁପାଳନ କରିନଥିଲେ, ଯାହା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା :*

### 2.5.1 ମୂଲ୍ୟଯୁକ୍ତ କର ନିର୍ଦ୍ଧାରଣରେ ଜୋରିମାନାର ସ୍ୱଳ୍ପାରୋପଣ

**ଅଧିନିୟମର ଉପଯୁକ୍ତ ବ୍ୟବସ୍ଥା ଲାଗୁ କରିବାରେ କର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କର ବିଫଳତା ଫଳରେ 446.74 ଲକ୍ଷ ଟଙ୍କା ଜୋରିମାନାର ସ୍ୱଳ୍ପାରୋପଣ ।**

ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍) ଅଧିନୟମ, 2004 ର ଧାରା 42(5) ଅନୁଯାୟୀ କୌଣସି ଜୋରିମାନା କିମ୍ବା ସୁଧକୁ ପକ୍ଷପାତ ନ କରି ଯାହା ଅଧିନିୟମର କୌଣସି ବ୍ୟବସ୍ଥା ଅନୁଯାୟୀ ଆରୋପଣ କରାଯାଇପାରେ, ଉପଧାରା (3) କିମ୍ବା ଉପଧାରା (4) ଅନୁଯାୟୀ ନିର୍ଦ୍ଧାରିତ କର ପରିମାଣର ଦୁଇଗୁଣ ଜୋରିମାନା ଉକ୍ତ ବିଭାଗ ଅଧୀନରେ ଚୂଡ଼ାନ୍ତ ହୋଇଥିବା ଯେକୌଣସି ନିର୍ଦ୍ଧାରିତ କର ଉପରେ ଲାଗୁ ହେବ ।

ନବରଙ୍ଗପୁର ମଣ୍ଡଳର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ ବେଳେ (ଫେବୃଆରୀ 2019) ଏହା ଦେଖାଗଲା ଯେ ଓଭାଟ୍ ଅଧିନିୟମର ଧାରା 42 ଅଧିନରେ 1 ଅପ୍ରେଲ 2014 ରୁ 30 ସେପ୍ଟେମ୍ବର 2015 ଅବଧି ପାଇଁ 11ଟି ବ୍ୟବସାୟୀଙ୍କ ମଧ୍ୟରୁ ତିନିଟି ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ ହୋଇଥିଲା (ଫେବୃଆରୀ 2017 ରୁ ଜାନୁଆରୀ 2018) । କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସେହି ବ୍ୟବସାୟୀମାନଙ୍କର 4720.63 ଲକ୍ଷ ଟଙ୍କାର କର ଯୋଗ୍ୟ କାରବାର ଉପରେ 277.95 ଲକ୍ଷ ଟଙ୍କାର କର ଦେୟ ନିର୍ଦ୍ଧାରଣ କରିଥିଲେ । 32.22 ଲକ୍ଷ ଟଙ୍କାର ନିବେଶ କର ଜମା (ଆଇଟିସି) ମଞ୍ଜୁର ପରେ 235.66 ଲକ୍ଷ ଟଙ୍କାର କର ନିର୍ଦ୍ଧାରଣ ହୋଇଥିଲା ଏବଂ ରିଟର୍ଣ୍ଣ ଦାଖଲ ବେଳେ ବ୍ୟବସାୟୀଙ୍କ ଦ୍ୱାରା ଜମା କରିଥିବା 10.07 ଲକ୍ଷ ଟଙ୍କା ଜମା କରାଯାଇଥିଲା । ଯାହାହେଉ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ କର ନିର୍ଦ୍ଧାରଣର ଦୁଇଗୁଣ ଜୋରିମାନା କରିବା ପରିବର୍ତ୍ତେ କେବଳ ସଂଗୋପନ ଥିବା 91.07 ଲକ୍ଷ ଟଙ୍କା ଉପରେ 24.58 ଲକ୍ଷ ଟଙ୍କାର ଜୋରିମାନା ଆରୋପଣ କରିଥିଲେ । ଜୋରିମାନା, କର ନିର୍ଦ୍ଧାରଣର ଦୁଇଗୁଣ ଅର୍ଥାତ୍ 471.32 ଲକ୍ଷ ଟଙ୍କା ଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଉପଯୁକ୍ତ ବ୍ୟବସ୍ଥା ଲାଗୁ କରିବାରେ ବିଫଳ ହେଲେ ଯେଉଁଥିରେ ବିହିତ ଅଛି ଯେ ଜୋରିମାନା ସଂଗୋପନ ଅର୍ଥ ଉପରେ ନୁହେଁ ବରଂ ନେଟ କର ନିର୍ଦ୍ଧାରଣ ଉପରେ ଆରୋପ କରାଯିବ, ଯାହାଫଳରେ 446.74 ଲକ୍ଷ ଟଙ୍କା (471.32 ଲକ୍ଷ ଟଙ୍କା – 24.58 ଲକ୍ଷ ଟଙ୍କା) ର ଜୋରମାନା ସ୍ୱଳ୍ପାରୋପଣ ହୋଇଥିଲା ।

ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2019) ଯେ ସମୀକ୍ଷା ମନ୍ତବ୍ୟ ପ୍ରାପ୍ତି ପରେ କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ (ଓଭାଟ୍) ର ଧାରା 81 ଅନୁଯାୟୀ ମୋଟ 4,71,83,392 ଟଙ୍କାର ଜୋରିମାନା ଆରୋପଣ କରି ସଂଶୋଧିତ ଆଦେଶ ପାରିତ କରିଥିଲେ (ଜୁନ୍ 2019) ଏବଂ ଦାବି ଆଦାୟ ରେଜିଷ୍ଟରରେ ଦରଜ କରିଥିଲେ ।

### 2.5.2 କେନ୍ଦ୍ରୀୟ ବାଣିଜ୍ୟ କର ଦେୟ ଠାରୁ ଅଧିକ ନିବେଶ କର ଜମାର କମ୍ ପ୍ରତ୍ୟାବର୍ତ୍ତନ ହେତୁ କର ଏବଂ ଜୋରିମାନାର ସ୍ୱଳ୍ପାରୋପଣ

**କରର କମ୍ ପ୍ରତ୍ୟାବର୍ତ୍ତନ ଫଳରେ 12.74 ଲକ୍ଷ ଟଙ୍କାର କର ଏବଂ 25.48 ଲକ୍ଷ ଟଙ୍କା ଜୋରିମାନାର ସ୍ୱଳ୍ପାରୋପଣ ହୋଇଥିଲା ।**

ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 ର ଧାରା 20(3) ର ଖଣ୍ଡ (ଡି) ସହ ଓଡ଼ିଶା ମୂଲ୍ୟ ଯୁକ୍ତ କର ନିୟମାବଳୀ, 2005 ର ନିୟମ 11(3)(ଏ) ଅନୁଯାୟୀ ଆନ୍ତଃ-ରାଜ୍ୟ ବାଣିଜ୍ୟରେ ବିକ୍ରି ହେଉଥିବା ସାମଗ୍ରୀ କ୍ରୟ ଉପରେ ଦିଆଯାଉଥିବା କର ଆଡକୁ ଦିଆଯାଇଥିବା ନିବେଶ କର କେବଳ କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଦେୟ ପରିମାଣ ପର୍ଯ୍ୟନ୍ତ ମଞ୍ଜୁର ଦିଆଯିବ । ପୁନଶ୍ଚ, ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍) ଅଧିନିୟମର ଧାରା 42 ର ଉପଧାରା 5 ବ୍ୟବସ୍ଥା କରେ ଯେ ଉପଧାରା (3) କିମ୍ବା ଉପଧାରା (4) ଅନୁଯାୟୀ ନିର୍ଦ୍ଧାରିତ କର ପରିମାଣର ଦୁଇଗୁଣ ଜୋରିମାନା ସମାନ ପରିମାଣ ଉକ୍ତ ଉପଧାରା ଅଧୀନରେ ଚୂଡ଼ାନ୍ତ ହୋଇଥିବା ଯେକୌଣସି ନିର୍ଦ୍ଧାରିତ କର ଉପରେ ଲାଗୁ କରାଯିବ ।

01 ଅପ୍ରେଲ 2012 ଠାରୁ 30 ଜୁନ୍ 2015 କର ଅବଧି ମଧ୍ୟରେ, ଧାରା 42 ଅଧୀନରେ 322 ଟି କର ନିର୍ଦ୍ଧାରଣ ମାମଲାର ଅଡିଟ୍ ନମୁନା ଯାଞ୍ଚ କରିଥିଲା । ସେଥି ମଧ୍ୟରୁ, ଅଡିଟ୍ (ଡିସେମ୍ବର 2017) ଅବଲୋକନ କଲା ଯେ

ବଡ଼ବିଲ ମଣ୍ଡଳରେ ଜଣେ ବ୍ୟବସାୟୀ ଅପ୍ରେଲ 2012 ଠାରୁ ମାର୍ଚ୍ଚ 2014 ମଧ୍ୟରେ ରାଜ୍ୟ ଭିତରୁ 31.02 କୋଟି ଟଙ୍କାର ସାମଗ୍ରୀ କିଣିଥିଲେ ଏବଂ ପାଞ୍ଚ ପ୍ରତିଶତ ହାରରେ 1.55 କୋଟି ଟଙ୍କାର କର ପୈଠ କରିଥିଲେ । ଏହି ଅବଧି ମଧ୍ୟରେ ସେହି ବ୍ୟବସାୟୀ 41.32 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରି କରିଥିଲେ । ପୁରା ବିକ୍ରିରେ 24.90 କୋଟି ଟଙ୍କାର ଆନ୍ତଃରାଜ୍ୟ ବିକ୍ରୟ ଅନ୍ତର୍ଭୁକ୍ତ ଯେଉଁଥିପାଇଁ ଦୁଇ ପ୍ରତିଶତ ହାରରେ କେନ୍ଦ୍ରୀୟ ବିକ୍ରୟ କର ଅର୍ଥାତ୍ 49.81 ଲକ୍ଷ ଟଙ୍କା ବ୍ୟବସାୟୀଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା । ଆନ୍ତଃରାଜ୍ୟ ବାଣିଜ୍ୟରେ ବିକ୍ରୟ ମୂଲ୍ୟ ଅନୁପାତରେ ବିକ୍ରି ହୋଇଥିବା ଏହି ଦ୍ରବ୍ୟର କ୍ରୟ ମୂଲ୍ୟ ଥିଲା 18.69 କୋଟି[13] ଟଙ୍କା ଯେଉଁଥିରେ 93.47 ଲକ୍ଷ ଟଙ୍କାର ନିବେଶ କର ଜଡ଼ିତ ଥିଲା । ତେଣୁ ବ୍ୟବସାୟୀ କେବଳ ଓଡ଼ିଶା ମୂଲ୍ୟଯୁକ୍ତ କର(ଓଭାଟ) ନିୟମାବଳୀ 11(3) (ଏ) ଅନୁଯାୟୀ 49.81 ଲକ୍ଷ ଟଙ୍କା ମୂଲ୍ୟର ନିବେଶ କର ଅର୍ଥାତ୍ କେନ୍ଦ୍ରୀୟ ବିକ୍ରୟ କର ଦେୟର ପରିମାଣ ପର୍ଯ୍ୟନ୍ତ ଜମା ପାଇବାକୁ ହକ୍‌ଦାର ଥିଲା । ଅବଶିଷ୍ଟ ନିବେଶ କର ଜମା 35.68 ଲକ୍ଷ ଟଙ୍କା (43.66 ଲକ୍ଷ ଟଙ୍କା ବିଯୁକ୍ତ 7.98 ଲକ୍ଷ ଟଙ୍କାର ଅଗ୍ରେଣୀ ନିବେଶ କର ଜମା) ପ୍ରତ୍ୟାବର୍ତ୍ତନ ପାଇଁ ଉପଲବ୍ଧ ଥିଲା । ଯାହାହେଉ, ଦେଖାଗଲା ଯେ ଉପରୋକ୍ତ ସମୟ ପାଇଁ ଅଗଷ୍ଟ 2015 ରେ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ) ଅଧିନିୟମ ଅନୁଯାୟୀ କର ନିର୍ଦ୍ଧାରଣ ଚୂଡାନ୍ତ କରିବା ବେଳେ କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ 22.94 ଲକ୍ଷ ଟଙ୍କା ମୂଲ୍ୟର କର ପ୍ରତ୍ୟାବର୍ତ୍ତନ କରିବାକୁ ଅନୁମତି ଦେଇଥିଲେ । ଏଣୁ, ସେଠାରେ ଏକ ସ୍ୱଳ୍ପ ପ୍ରତ୍ୟାବର୍ତ୍ତନ ହୋଇଥିଲା ଯାହାଫଳରେ ଶେଷରେ 12.74 ଲକ୍ଷ ଟଙ୍କା (35.68 ଲକ୍ଷ ଟଙ୍କା ବିଯୁକ୍ତ 22.94 ଲକ୍ଷ ଟଙ୍କା)ର କର ସ୍ୱଳ୍ପାରୋପଣ ହୋଇଥିଲା । ଏତଦ୍ ବ୍ୟତୀତ, ଅଧିନିୟମର ଧାରା 42(5) ଅନୁଯାୟୀ 25.48 ଲକ୍ଷ ଟଙ୍କା ଜୋରିମାନା ଧାର୍ଯ୍ୟ ଯୋଗ୍ୟ ଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2019) ଯେ ସମୀକ୍ଷା ମନ୍ତବ୍ୟ ପାଇବା ପରେ, କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍) ଅଧିନିୟମର ଧାରା 43 ଅନୁଯାୟୀ କର ନିର୍ଦ୍ଧାରଣ କଲେ ଏବଂ ଜୋରିମାନା ସହିତ 1.33 କୋଟି ଟଙ୍କାର ଦାବି ଉପସ୍ଥାପନ କଲେ (ଜୁଲାଇ 2018) ।

## 2.5.3 ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବ ଉପସ୍ଥାପନ ନ ହେବା ଯୋଗୁଁ ବ୍ୟବସାୟୀ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ନହେବା

**ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବର ବିଳମ୍ବିତ ଉପସ୍ଥାପନ ପାଇଁ 6.80 କୋଟି ଟଙ୍କାର ଜୋରିମାନା ଅନାରୋପଣ ହୋଇଥିଲା ।**

ଓଭାଟ୍ ଅଧିନିୟମ, 2004 ର ଧାରା 65(1) ସହ ବାଣିଜ୍ୟ କର କମିଶନର, ଓଡ଼ିଶାଙ୍କ ଫେବୃୟାରୀ 2015 ର ଅଧିସୂଚନା[14] ଅନୁଯାୟୀ ଯଦି ଜଣେ ବ୍ୟବସାୟୀଙ୍କର ମୋଟ କାରବାର (ଜିଟିଓ) ଗୋଟିଏ ଆର୍ଥିକ ବର୍ଷରେ ଏକ କୋଟି ଟଙ୍କାରୁ ଅଧିକ ହୁଏ, ତେବେ ସେ ସେହି ବର୍ଷର ହିସାବକୁ କୌଣସି ଆକାଉଣ୍ଟାଣ୍ଟ[15]ଙ୍କ ଦ୍ୱାରା ସେହି ବର୍ଷ ଶେଷ ହେବାର ଛଅ ମାସ ମଧ୍ୟରେ ସମୀକ୍ଷିତ କରାଇବେ । ସେହି ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବର (ସିଏଏ) ଏକ ଅବିକଳ ନକଲ ଅନ୍ତିମ ମହଜୁଦ ସାମଗ୍ରୀର ବିବରଣୀ ସହିତ ଉକ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ପ୍ରମାଣିତ କରାଇ ଉପରୋକ୍ତ ଛଅ ମାସ ପୂର୍ଣ୍ଣ ହେବାର ଏକ ମାସ ମଧ୍ୟରେ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ପାଖରେ ଦାଖଲ କରିବେ ।

ପୁନଶ୍ଚ, ଧାରା 65(2)ର ବ୍ୟବସ୍ଥା ଅନୁଯାୟୀ ଯଦି ବ୍ୟବସାୟୀ ସିଏଏ ର ଏକ ଅବିକଳ ନକଲ ସହିତ ବିହିତ ରୀତି ଅନୁସାରେ ବ୍ୟବସାୟୀର ଅନ୍ତିମ ମହଜୁଦ୍ ସାମଗ୍ରୀର ବିବରଣୀ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଖିଲାପି ବ୍ୟବସାୟୀଙ୍କୁ ଶୁଣାଣି ନିମନ୍ତେ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରି ପ୍ରତ୍ୟେକ ବିଳମ୍ବିତ ଦିନ ପାଇଁ ଏକ ଶହ ଟଙ୍କା ହିସାବରେ ଓ ଅଧିକତମ ଦଶ ହଜାର ଟଙ୍କା ଜୋରିମାନା ଆରୋପଣ କରିବେ ।

---

13 ଆନ୍ତଃରାଜ୍ୟ ବିକ୍ରିରେ ଦ୍ରବ୍ୟର କ୍ରୟ ମୂଲ୍ୟ = 31,02,26,244 ଟଙ୍କା ÷ 41,32,54,921 ଟଙ୍କା ×24,90,40,132 ଟଙ୍କା = 18,69,51,880 ଟଙ୍କା (ମୋଟ ଭାଟ୍ କ୍ରୟ ÷ ମୋଟ ଭାଟ୍ ବିକ୍ରି × ଆନ୍ତଃରାଜ୍ୟ ବିକ୍ରୟ ମୂଲ୍ୟ)

14 ଅଧିସୂଚନା ସଂଖ୍ୟା. III (III) 14/ 2012/ 2250/ ସିଟି, 11 ଫେବୃଆରୀ 2015

15 ପଦ ସଂହତି "ଆକାଉଣ୍ଟାଣ୍ଟ" ମାନେ ଚାଟାର୍ଡ ଆକାଉଣ୍ଟାଣ୍ଟ; ଅଧିନିୟମ 1949 (1949 ର 38) ଅର୍ଥରେ ଚାଟାର୍ଡ ଆକାଉଣ୍ଟାଣ୍ଟ ଏବଂ କଷ୍ଟ ଆକାଉଣ୍ଟାଣ୍ଟ ଅଧିନିୟମ, 1959 (1959 ର 23) ଅର୍ଥରେ କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଜଣେ ବ୍ୟକ୍ତି ଅନ୍ତର୍ଭୁକ୍ତ ଯେ କି କମ୍ପାନି ଅଧିନିୟମ 1956 (1956 ର 1)ର 226 ଧାରାର ଉପଧାରା (2) ଅଧିନରେ ଜଣେ ସମୀକ୍ଷକ ହିସାବରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ

ଅଡିଟ୍ 45 ଟି ମଣ୍ଡଳ[16]ର ବାର୍ଷିକ ସମୀକ୍ଷିତ ହିସାବ ପ୍ରାପ୍ତି ସମ୍ପର୍କିତ ବସ୍ତୁଗତ ଫର୍ମକୁ ଯାଞ୍ଚ କରିଥିଲା (ଅପ୍ରେଲ 2018 ଏବଂ ଅପ୍ରେଲ 2019) । ଅଡିଟ୍ ଅବଲୋକନ କଲା ଯେ 2016-17 ଅବଧିରେ ମୋଟ କାରବାର ଏକ କୋଟି ଟଙ୍କାରୁ ଅଧିକ ଥିବା 20,761 ବ୍ୟବସାୟୀ ଥିଲେ । ସେମାନଙ୍କ ମଧ୍ୟରୁ 6,802 ବ୍ୟବସାୟୀ (32.78 ପ୍ରତିଶତ) ସେମାନଙ୍କର ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବ ରିପୋର୍ଟର ନକଲ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଉପସ୍ଥାପିତ କରିନଥିଲେ । ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବ ରିପୋର୍ଟ ଦାଖଲରେ 178 ରୁ 508 ଦିନ ବିଳମ୍ବ ହୋଇଥିଲା । ସେଥିପାଇଁ ଉକ୍ତ ବ୍ୟବସାୟୀମାନଙ୍କୁ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରିବା ପରେ 6.80 କୋଟି ଟଙ୍କାର ଜୋରିମାନା ଆରୋପଣ କରିବାର ଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ପ୍ରାମାଣିକ ବାର୍ଷିକ ସମୀକ୍ଷିତ ହିସାବ ଉପସ୍ଥାପନା କରିନଥିବା ବ୍ୟବସାୟୀଙ୍କ ବିପକ୍ଷରେ ଜୋରିମାନା ଆରୋପଣ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲେ ।

ସରକାର ଉତ୍ତରରେ ଦର୍ଶାଇଲେ (ଜୁନ୍ 2020) ଯେ 19 ଟି ମଣ୍ଡଳରେ 1,287 ମାମଲାରେ 54.84 ଲକ୍ଷ ଟଙ୍କାର ଜୋରିମାନା ଆରୋପଣ କରାଯାଇଥିଲା । ସେଥିମଧ୍ୟରୁ ଏପର୍ଯ୍ୟନ୍ତ 49 ଟି ମାମଲାରେ 6.30 ଲକ୍ଷ ଟଙ୍କା ଆଦାୟ ହୋଇଅଛି । ପୁନଶ୍ଚ, ଏହା ମଧ୍ୟ ବ୍ୟକ୍ତ କଲେ ଯେ ବ୍ୟବସାୟୀମାନେ ପୁନରୀକ୍ଷଣ କରିବା ପାଇଁ ପସନ୍ଦ କରିଥିଲେ ଯାହାଦ୍ୱାରା ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କ ଉପରେ ଭୀଷଣ କାର୍ଯ୍ୟଭାର ପଡ଼ିଥିଲା ଏବଂ ଏହା ଦ୍ୱାରା କାର୍ଯ୍ୟଧାରା ବିଳମ୍ବ ହେଲା । ପର୍ଯ୍ୟବେକ୍ଷଣ ବୈଠକ ସମୟରେ ମକଦ୍ଦମା ଠାରୁ ଦୂରେଇ ରହିବା ପାଇଁ ମଣ୍ଡଳ ଅଧିକାରୀମାନଙ୍କ ଠିକ୍ ସମୟରେ ବ୍ୟବସାୟୀମାନଙ୍କ ଦ୍ୱାରା ପ୍ରାମାଣିକ ବାର୍ଷିକ ସମୀକ୍ଷୀତ ହିସାବ ଉପସ୍ଥାପନା ସୁନିଶ୍ଚିତ କରିବା ପାଇଁ ଅନୁଦେଶ ଦିଆଯାଇଥିଲା ।

ଯାହାହେଉ, ଅନ୍ୟ 26 ମଣ୍ଡଳର ଅବଶିଷ୍ଟ ବ୍ୟବସାୟୀ ମାନଙ୍କ ଠାରୁ ଜୋରିମାନା ଆଦାୟ ପାଇଁ କାର୍ଯ୍ୟାନୁଷ୍ଠାନ ତ୍ୱରାନିତ କରିବାର ଥିଲା ।

## ପ୍ରବେଶ କର

## 2.6 ଓଡ଼ିଶା ପ୍ରବେଶ କର ଅଧିନିୟମ/ ନିୟମାବଳୀ ବ୍ୟବସ୍ଥା ସହିତ ସରକାରୀ ଅଧିସୂଚନାର ଅନୁପାଳନ ନହେବା

ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999 ଓ ତଦଧିନ ପ୍ରଣୀତ ନିୟମାବଳୀ ସହ ସମୟକୁ ସମୟ ଜାରି ହେଉଥିବା ସରକାରୀ ଅଧିସୂଚନା ଗୁଡ଼ିକର ବ୍ୟବସ୍ଥାନୁସାରେ କୌଣସି ଅନୁସୂଚିତ ଦ୍ରବ୍ୟର ପ୍ରବେଶ କର ଉପରେ ନିୟମ 3 ଅଧିନରେ କରବସାଣ, ଓଡ଼ିଶା ପ୍ରବେଶ କର ନିୟମାବଳୀ, 1999 ର ଧାରା 3 ଅନୁଯାୟୀ କର ଯୋଗ୍ୟ ଅଟେ । ସମୀକ୍ଷା ନିର୍ଦ୍ଧାରଣରେ ଅଧିନିୟମର ଧାରା 9 ସି ଅନୁଯାୟୀ ଜୋରିମାନା ଆରୋପଣର ବ୍ୟବସ୍ଥା ଅଛି ।

ଅଡିଟ୍ ଅବଲୋକନ କଲା ଯେ ନିର୍ଦ୍ଧାରଣ ଚୂଡ଼ାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନିମ୍ନରେ ପ୍ରଦତ୍ତ ଅନୁଚ୍ଛେଦରେ ଉଲ୍ଲିଖିତ ମାମଲାରେ ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ ପାଳନ କରିନଥିଲେ ।

### 2.6.1 ପ୍ରବେଶ କର ନିର୍ଦ୍ଧାରଣରେ ଜୋରିମାନାର ସ୍ୱଳାରୋପଣ

**ଅଧିନିୟମର ଉପଯୁକ୍ତ ବ୍ୟବସ୍ଥା ଲାଗୁ କରିବାକୁ କର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କର ବିଫଳତା କାରଣରୁ 20.22 ଲକ୍ଷ ଟଙ୍କା ଜୋରିମାନାର ସ୍ୱଳ୍ପାରୋପଣ ହୋଇଥିଲା ।**

ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999 ର ଧାରା 9 ସି (5) ଅନୁଯାୟୀ ଜୋରିମାନା କିମ୍ବା ସୁଧର ପକ୍ଷପାତ ନକରି ଅଧିନିୟମ କୌଣସି ଧାରା ଅନୁଯାୟୀ ଆଦାୟ କରାଯାଇପାରେ , ଯେକୌଣସି ଚୂଡ଼ାନ୍ତ ହୋଇଥିବା କର ନିର୍ଦ୍ଧାରଣରେ ଜୋରିମାନା, ନିର୍ଦ୍ଧାରିତ କରର ସମାନ ଦୁଇଗୁଣ ଆରୋପଣ କରାଯିବ ।

[16] ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ବଡ଼ବିଲ, ବରଗଡ଼, ଭଦ୍ରକ, ଭଞ୍ଜନଗର, ଭୁବନେଶ୍ୱର-I, ଭୁବନେଶ୍ୱର-II, ଭୁବନେଶ୍ୱର-III, ଭୁବନେଶ୍ୱର-IV, ବୌଦ୍ଧ, କଟକ-I (ସେଣ୍ଟ୍ରାଲ), କଟକ-I (ସିଟି), କଟକ-I (ପୂର୍ବ), କଟକ-I (ପଶ୍ଚିମ), କଟକ-II, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ-I, ଗଞ୍ଜାମ-II, ଜଗତସିଂହପୁର, ଯାଜପୁର, ଜଟଣୀ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ଫୁଲବାଣୀ, ପୁରୀ, ରାୟଗଡ଼ା, ରାଉରକେଲା-I, ରାଉରକେଲା-II, ସମ୍ବଲପୁର-I, ସମ୍ବଲପୁର-II , ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ ।

ନବରଙ୍ଗପୁର ମଣ୍ଡଳରେ କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ ସମୟରେ (ଫେବୃଆରୀ 2019) ଏହା ଲକ୍ଷ୍ୟ କରାଯାଇଥିଲା ଯେ କାର୍ଯ୍ୟ ଠିକାଦାର ଭାବରେ ନିୟୋଜିତ ଜଣେ ବ୍ୟବସାୟୀଙ୍କୁ ଅପ୍ରେଲ 2014 ରୁ ସେପ୍ଟେମ୍ବର 2015 କର ଅବଧି ପାଇଁ 01 ଅଗଷ୍ଟ 2018 ରେ ପ୍ରବେଶ କର ପାଇଁ କର ନିର୍ଦ୍ଧାରଣ କରାଯାଇ ଥିଲା । କର ନିର୍ଦ୍ଧାରଣ ସମୟରେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ 18.99 କୋଟି ଟଙ୍କା ମୂଲ୍ୟର କର ଯୋଗ୍ୟ କାରବାର ଉପରେ 43.32 ଲକ୍ଷ ଟଙ୍କା ପ୍ରବେଶ କର ନିର୍ଦ୍ଧାରଣ କରିଥିଲେ । ବ୍ୟବସାୟୀ ଜଣକ 33.06 ଲକ୍ଷ ଟଙ୍କା ମୂଲ୍ୟର ପ୍ରବେଶ କର ଘୋଷଣା କରି ପଇଠ କରିଥିଲେ । ତେଣୁ ଅବଶିଷ୍ଟ 10.26 ଲକ୍ଷ ଟଙ୍କାର[17] ନିର୍ଦ୍ଧାରିତ ପ୍ରବେଶ କର ବ୍ୟବସାୟୀଙ୍କ ଦ୍ଵାରା ଦେୟ ବାକି ଥିଲା । ଯାହାହେଉ, 77.58 ଲକ୍ଷ ଟଙ୍କାର ଗୋପନ କ୍ରୟର କର ଦେୟ ଉପରେ ନିର୍ଦ୍ଧାରିତ କରର ସମାନ ଦୁଇଗୁଣ ଜୋରିମାନା ପରିବର୍ତ୍ତେ 0.30 ଲକ୍ଷ ଟଙ୍କା[18]ର ଜୋରିମାନା ଆରୋପଣ କରିଥିଲେ । ନିର୍ଦ୍ଧାରିତ ପ୍ରବେଶ କର 10.26 ଲକ୍ଷ ଟଙ୍କାର ଦୁଇଗୁଣ ଜୋରିମାନା ଅର୍ଥାତ୍ 20.52 ଲକ୍ଷ ଟଙ୍କା ଆରୋପଣ ପାଇଁ ଧାର୍ଯ୍ୟ ଥିଲା । ଏହାଫଳରେ 20.22 ଲକ୍ଷ ଟଙ୍କା (20.52 ଲକ୍ଷ ଟଙ୍କା ବିଯୁକ୍ତ 0.30 ଲକ୍ଷ ଟଙ୍କା) ମୂଲ୍ୟର ଜୋରିମାନା ସ୍ୱଳ୍ପାରୋପଣ ହୋଇଥିଲା । ଏଣୁ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଜୋରିମାନା ଆଦାୟ, ନିର୍ଦ୍ଧାରିତ କର ଉପରେ ନୁହେଁ ବରଂ ଗୋପନ ପରିମାଣ ଉପରେ ଉପଯୁକ୍ତ ବ୍ୟବସ୍ଥା ପ୍ରୟୋଗ କରିବାରେ ବିଫଳ ହେଲେ ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2019) ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓଡ଼ିଶା ପ୍ରବେଶ କର ଅଧିନିୟମ, 1999 ର ଧାରା 20 ଅନୁଯାୟୀ 20.22 ଲକ୍ଷ ଟଙ୍କାର ଜୋରିମାନା ଆରୋପଣ କରି ସଂଶୋଧନ ଆଦେଶ ଜାରି କରିଥିଲେ ଏବଂ ଦାବି ସଂଗ୍ରହ ରେଜିଷ୍ଟରରେ ଦରଜ କରିଥିଲେ ।

## ଦ୍ରବ୍ୟ ଓ ସେବା କର

## 2.7 ଉପକ୍ରମ

ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) 1 ଜୁଲାଇ 2017 ଠାରୁ କାର୍ଯ୍ୟକାରୀ କରାଗଲା । ଦ୍ରବ୍ୟ ଓ ସେବା ଗୁଡ଼ିକର (ମାନବ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଆଲକହଲ ଓ ପାଞ୍ଚଗୋଟି ପେଟ୍ରୋଲିୟମ ଜାତ ଦ୍ରବ୍ୟ[19] ବ୍ୟତୀତ) ଅନ୍ତଃରାଜ୍ୟ ଯୋଗାଣ ଉପରେ ପୃଥକ ଭାବେ କିନ୍ତୁ ଏକସଙ୍ଗରେ କେନ୍ଦ୍ର (ସିଜିଏସ୍‌ଟି) ଏବଂ ରାଜ୍ୟ (ଏସ୍‌ଜିଏସ୍‌ଟି)/ କେନ୍ଦ୍ରଶାସିତ ଅଞ୍ଚଳ (ୟୁଟି ଜିଏସ୍‌ଟି) ଦ୍ଵାରା ଜିଏସ୍‌ଟି[20] ଲାଗୁ ହୋଇଅଛି । ପୁନଶ୍ଚ, ଦ୍ରବ୍ୟ ଓ ସେବାଗୁଡ଼ିକର ଆନ୍ତଃରାଜ୍ୟ ଯୋଗାଣ (ଆମଦାନୀ) ଉପରେ ଏକୀକୃତ ଦ୍ରବ୍ୟ ଓ ସେବାକର (ଆଇଜିଏସ୍‌ଟି) ଲାଗୁ କରାଯାଇଛି ଏବଂ ଏକୀକୃତ ଦ୍ରବ୍ୟ ଓ ସେବାକର ଲାଗୁକରିବାର ଏକାନ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ନିକଟରେ ରହିଛି । ଜିଏସ୍‌ଟି ଲାଗୁ ହେବା ପୂର୍ବରୁ, ଦ୍ରବ୍ୟଗୁଡ଼ିକର ଅନ୍ତଃରାଜ୍ୟ ଅନୁକ୍ରମ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିକ୍ରି ଉପରେ ଓଡ଼ିଶା ଓଭାଟ୍ ଅଧିନିୟମ, 2004 ଅନୁସାରେ ମୂଲ୍ୟଯୁକ୍ତ କର ଲାଗୁ କରାଯାଉଥିଲା ଏବଂ ଆନ୍ତଃରାଜ୍ୟ ବିକ୍ରି ଉପରେ କେନ୍ଦ୍ରୀୟ ବିକ୍ରି କର ଅଧିନିୟମ, 1956 ଲାଗୁ କରାଯାଉଥିଲା ।

ଓଭାଟ୍ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ ରାଜ୍ୟ ସରକାର କ୍ଷମତାପନ୍ନ ଥିଲେ, ପରନ୍ତୁ ଜିଏସ୍‌ଟି ସଂପର୍କିତ ବ୍ୟବସ୍ଥା ଗୁଡ଼ିକୁ ଦ୍ରବ୍ୟ ଓ ସେବା କର ପରିଷଦ (ଜିଏସ୍‌ଟିସି)ର ସୁପାରିଶ କ୍ରମେ କେନ୍ଦ୍ର ଓ ରାଜ୍ୟ ଦ୍ଵାରା ନିୟନ୍ତ୍ରିତ କରାଯାଉଛି, ଯାହାକି ଉଭୟ କେନ୍ଦ୍ର ଓ ରାଜ୍ୟ ସମୂହର ପ୍ରତିନିଧିମାନଙ୍କୁ ନେଇ ଗଠିତ । ସମ୍ମିଳିତ[21] ବିଭିନ୍ନ କର ପରିବର୍ତ୍ତେ ଓଡ଼ିଶା ସରକାର, ଓଡ଼ିଶା ଦ୍ରବ୍ୟ ଓ ସେବା କର (ଓଜିଏସ୍‌ଟି) ଅଧିନିୟମ, 2017 ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବାକର ନିୟମାବଳୀ, 2017 ର ଅଧିସୂଚନା ଜୁନ୍ 2017 ରେ ଜାରି କରିଥିଲେ ।

ଆଇଟି ସେବା ପ୍ରଦାନ କରିବାକୁ ଭାରତ ସରକାର, ଏକ ଘରୋଇ କମ୍ପାନି ଭାବେ ଦ୍ରବ୍ୟ ଓ ସେବାକର ନେଟ୍‌ୱାର୍କ (ଜିଏସ୍‌ଟିଏନ୍) ଗଠନ କରିଥିଲେ । ଏହା କରଦାତାମାନଙ୍କୁ ଫ୍ରଣ୍ଟ ଏଣ୍ଡ ଆଇଟି ସେବା ଯଥା ପଞ୍ଜୀକରଣ, କର

17 ନିର୍ଦ୍ଧାରିତ କର 43,31,803 ଟଙ୍କା – ପ୍ରଦତ୍ତ କର 33,05,505 ଟଙ୍କା = ବକେୟା କର 10,26,298 ଟଙ୍କା

18 77.58 ଲକ୍ଷ ଟଙ୍କାର ଦୁଇ ପ୍ରତିଶତର କର ଦେୟକୁ ଭୁଲରେ 0.15 ଲକ୍ଷ ଟଙ୍କା ନିଆଯିବା (1.55 ଲକ୍ଷ ଟଙ୍କା ପରିବର୍ତ୍ତେ) ଏବଂ 0.30 ଲକ୍ଷ ଟଙ୍କାର ଜୋରିମାନା ବସାଣ (3.10 ଲକ୍ଷ ଟଙ୍କା ପରିବର୍ତ୍ତେ)

19 ପେଟ୍ରୋଲିୟମ ଜାତ : ପେଟ୍ରୋଲ, ଉଚ୍ଚ କ୍ଷମତା ଡିଜେଲ, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ଆଭିଏସନ୍ ଟର୍‌ବାଇନ୍ ଫୁଏଲ୍

20 କେନ୍ଦ୍ରୀୟ ଜିଏସ୍‌ଟି: କେନ୍ଦ୍ରୀୟ ଜିଏସ୍‌ଟି ଏବଂ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ, ଜିଏସ୍‌ଟି:ଏସ୍‌ଜିଏସ୍‌ଟି/ ୟୁଟିଜିଏସ୍‌ଟି

21 ମୂଲ୍ୟଯୁକ୍ତ କର, କେନ୍ଦ୍ରୀୟ ବିକ୍ରି କର, ପ୍ରବେଶ କର, ବିଳାସ କର ଏବଂ ଆମୋଦନ କର

ପ୍ରଦାନ ଓ ରିଟର୍ଣ୍ଣ ଦାଖଲ ପ୍ରଦାନ କରିଥାଏ । ଜିଏସ୍‌ଟିଏନ୍ ଦ୍ୱାରା ଆଦର୍ଶ- II[22] ରାଜ୍ୟମାନଙ୍କୁ ବିଭିନ୍ନ ପ୍ରକାର ବ୍ୟାକ୍ ଏଣ୍ଡ ଆଇଟି ସେବା ଯଥା-ପଞ୍ଜୀକରଣ, ଅନୁମୋଦନ, କରଦାତାଙ୍କ ବିଶେଷ ଦୃଶ୍ୟପଟ୍ଟ, କର ଫେରସ୍ତ ପ୍ରକ୍ରିୟା, ଏମ୍‌ଆଇଏସ୍ ରିପୋର୍ଟ ଇତ୍ୟାଦି ପ୍ରଦାନ କରାଯାଉଛି । ଓଡ଼ିଶା ଆଦର୍ଶ-II ରାଜ୍ୟ ଅନ୍ତର୍ଭୁକ୍ତ ।

ଯେହେତୁ ଜିଏସ୍‌ଟି କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ଆଦର୍ଶ-II ରାଜ୍ୟ ଅନ୍ତର୍ଭୁକ୍ତ ଥିଲେ, ଜିଏସ୍‌ଟି ପ୍ରଶାସନ ପାଇଁ ପଞ୍ଜୀକରଣ, ରିଟର୍ଣ୍ଣ ଯାଞ୍ଚ, ସମୀକ୍ଷା କର ନିର୍ଦ୍ଧାରଣ, ଅପିଲ୍, ପ୍ରବର୍ତ୍ତନ, ଏମ୍‌ଆଇଏସ୍ ରିପୋର୍ଟ ଇତ୍ୟାଦି ଭଳି ବ୍ୟାକ୍ ଏଣ୍ଡ ଆପ୍ଲିକେସନ ଗୁଡ଼ିକୁ ଜିଏସ୍‌ଟିଏନ୍ ଦ୍ୱାରା ବିକାଶ କରାଯାଇଥିଲା । ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା (ମାର୍ଚ୍ଚ 2019) ଅନୁସାରେ ଏହି ସବୁ ମଡ୍ୟୁଲ୍ ଗୁଡ଼ିକୁ ଜିଏସ୍‌ଟିଏନ୍ ଦ୍ୱାରା ବିକଶିତ କରାଯାଇଅଛି । ବ୍ୟାକ୍ ଏଣ୍ଡ ଆପ୍ଲିକେସନ ଗୁଡ଼ିକୁ ଆକ୍‌ସେସ୍ ପାଇଁ ଜିଏସ୍‌ଟିଏନ୍ ଦ୍ୱାରା ସେମାନଙ୍କର ତଥ୍ୟ କେନ୍ଦ୍ରରୁ, ଓଡ଼ିଶା ରାଜ୍ୟ ତଥ୍ୟ କେନ୍ଦ୍ରକୁ ଚୁକ୍ତିଭିତ୍ତିକ ସଂଯୋଗ ପ୍ରଦାନ କରାଯାଇଅଛି । ସମସ୍ତ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକୁ ରାଜ୍ୟ ବ୍ୟାପି ବହୁବିଧ ସତର୍କତା ସ୍ତରରେ ସୁଇଚିଙ୍ଗ୍ ନେଟ୍‌ୱାର୍କ (ଏମ୍‌ପିଏଲ୍‌ଏସ୍) ମାଧ୍ୟମରେ ସଂଯୋଗ କରାଯାଇଅଛି ।

## 2.7.1 ରାଜସ୍ୱର ଧାରା

ଜିଏସ୍‌ଟି ଅଧୀନରେ, 2018-19 ଅବଧିରେ ମୋଟ ପ୍ରାପ୍ତି 15,332.59 କୋଟି ଟଙ୍କା ଥିଲା ଯେଉଁଥିରେ 11,942.59 କୋଟି ଟଙ୍କାର ଜିଏସ୍‌ଟି ଏବଂ 3,390.00 କୋଟି ଟଙ୍କାର କ୍ଷତିପୂରଣ ପ୍ରାପ୍ତି ଅନ୍ତର୍ଭୁକ୍ତ । 2018-19 ବର୍ଷରେ 12,000 କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ରାଜ୍ୟରେ 11,942.59 କୋଟି ଟଙ୍କା ଅସୁଲ ହୋଇଥିଲା । 2017-18 ଏବଂ 2018-19 ବର୍ଷରେ ପ୍ରକୃତ ପ୍ରାପ୍ତିର ବିବରଣ ସାରଣୀ 2.2 ରେ ଦର୍ଶାଗଲା ।

**ସାରଣୀ 2.2: 2017-18 ଏବଂ 2018-19 ବର୍ଷରେ ପ୍ରକୃତ ପ୍ରାପ୍ତିର ବିବରଣ**

**(ଟଙ୍କା କୋଟି ଆକାରରେ)**

| ବର୍ଷ | ବଜେଟ ଅଟକଳ | ଜିଏସ୍‌ଟି ଅଧୀନରେ ପ୍ରାପ୍ତି | କ୍ଷତି ପୂରଣ ପ୍ରାପ୍ତି | ଜିଏସ୍‌ଟି ଅଧୀନରେ ମୋଟ ପ୍ରାପ୍ତି |
|---|---|---|---|---|
| 2017-18 | 22,956 | 13462.03 | 2,264.00 | 15,726.03# |
| 2018-19 | 12,000 | 11,942.59 | 3390.00* | 15,332.59 |

# ମୋଟ ଜିଏସ୍‌ଟି ପ୍ରାପ୍ତି ଅଧୀନରେ ଜିଏସ୍‌ଟି ପ୍ରଣୟନ ପୂର୍ବରୁ ଥିବା କର ପ୍ରାପ୍ତି ଏବଂ 2017-18 ବର୍ଷ ପାଇଁ ଜିଏସ୍‌ଟି ପ୍ରାପ୍ତି ଅନ୍ତର୍ଭୁକ୍ତ ।

* ମାର୍ଚ୍ଚ 2018 ପାଇଁ 245 କୋଟି ଟଙ୍କା ପ୍ରାପ୍ତ କ୍ଷତି ପୂରଣ ସମେତ, ଯାହାକି ମଇ 2018 ରେ ପ୍ରାପ୍ତ ହୋଇଛି ।

## 2.7.2 ପ୍ରବାସନ ଏବଂ ନୂତନ କରଦାତା

ଓଡ଼ିଶା ଦ୍ରବ୍ୟ ଓ ସେବା କର ନିୟମାବଳୀ, 2017 ର ନିୟମ 24 ଅନୁଯାୟୀ, ବିଦ୍ୟମାନ ନିୟମ ଅଧୀନରେ ବିଧିମାନ୍ୟ ପାନ୍ ଥିବା ପଞ୍ଜୀକୃତ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ଇ-ମେଲ୍ ଠିକଣା ଏବଂ ମୋବାଇଲ୍ ନମ୍ବର ସାଧାରଣ ପୋର୍ଟାଲରେ ବିଧିସିଦ୍ଧ କରି ପ୍ରତ୍ୟକ୍ଷ ଭାବରେ କିମ୍ବା କମିଶନରଙ୍କ ଦ୍ୱାରା ଅଧିସୂଚିତ ହୋଇଥିବା ସୁଗମ କେନ୍ଦ୍ର ଦ୍ୱାରା ସେମାନଙ୍କର ନାମ ତାଲିକାଭୁକ୍ତ କରିବେ । ନାମ ପଞ୍ଜୀକୃତ ଉପରେ, ଉକ୍ତ ବ୍ୟକ୍ତି ଅସ୍ଥାୟୀ ଭିତ୍ତିରେ ପଞ୍ଜୀକରଣ ସ୍ୱୀକୃତି ପାଇବେ । ଯଦି ସୂଚନା ଏବଂ ଉପସ୍ଥାପିତ ସବିଶେଷ ବିବରଣୀ ସଠିକ୍ ଏବଂ ସଂପୂର୍ଣ୍ଣ ବୋଲି ଜଣାପଡ଼େ, ପଞ୍ଜୀକରଣର ଚୂଡ଼ାନ୍ତ ପ୍ରମାଣପତ୍ର ପଞ୍ଜୀକୃତ ବ୍ୟକ୍ତିଙ୍କୁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଉପଲବ୍ଧ କରାହେବ ।

ଜିଏସ୍‌ଟି ପୋର୍ଟାଲ ଦ୍ୱାରା ପଞ୍ଜୀକରଣ ପାଇଁ ଆବେଦନ କରୁଥିବା ସମୟରେ ନୂତନ ପଞ୍ଜୀକରଣ କରିଥିବା କରଦାତା ମାନଙ୍କ ଅଧିକାରିତାକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଆବଣ୍ଟନ କରାଯାଇଥାଏ ।

ଅଡିଟ୍‌କୁ, ବିଭାଗ ଯୋଗାଇଥିବା ସୂଚନା ଅନୁସାରେ (ଜୁଲାଇ 2019) 7 ଡିସେମ୍ବର 2018 ସୁଦ୍ଧା, 1,84,455 ବ୍ୟବସାୟୀ (1,74,761 ଟିଆଇଏନ୍ ବ୍ୟବସାୟୀ) ଭିତରୁ ମୋଟ 1,25,976 (15,851 କମ୍ପୋଜିସନ୍ ଯୋଜନା) ବ୍ୟବସାୟୀ ଓଭାଟ୍ ଅଧିନିୟମ ଅଧୀନରେ ପଞ୍ଜୀକରଣ ହୋଇଥିବା ବ୍ୟବସାୟୀ, ଜିଏସ୍‌ଟିକୁ ପ୍ରବାସନ

[22] ଆଦର୍ଶ-I ରାଜ୍ୟ:କେବଳ ଫ୍ରଣ୍ଟ ଏଣ୍ଡ ସେବା ଜିଏସ୍‌ଟିଏନ୍ ଦ୍ୱାରା ପ୍ରଦତ୍ତ, ଆଦର୍ଶ-II ରାଜ୍ୟ; ଉଭୟ ଫ୍ରଣ୍ଟ ଏଣ୍ଡ ଓ ବ୍ୟାକ୍ ଏଣ୍ଡ ସେବା ଜିଏସ୍‌ଟିଏନ୍ ଦ୍ୱାରା ପ୍ରଦତ୍ତ

କରିଥିଲେ । 30 ଜୁନ୍ 2019 ସୁଦ୍ଧା ନୂତନ ପଞ୍ଜୀକୃତ ବ୍ୟବସାୟୀଙ୍କ ସଂଖ୍ୟା 67,799 (9,108 ବ୍ୟବସାୟୀ କମ୍ପୋଜିସନ ପରିକଳ୍ପନା ଯୋଜନାଭୁକ୍ତ) ଥିଲା ।

## 2.7.3 ସମ୍ମିଳିତ ଅଧିନିୟମ ଅଧିନରେ ପଡ଼ି ରହିଥିବା କର ନିର୍ଦ୍ଧାରଣ

ଓଭାଟ୍ ଅଧିନିୟମ, 2005 ର ବ୍ୟବସ୍ଥା ଅନୁଯାୟୀ, ଯଦି ପ୍ରତ୍ୟେକ ବ୍ୟବସାୟୀଙ୍କର ରିଟର୍ଣ୍ଣ ଦାଖଲ କରିବାର ତାରିଖ ଠାରୁ ସାତ ବର୍ଷ ମଧରେ କର ନିର୍ଦ୍ଧାରଣ କରା ନ ଯାଏ, ତାହେଲେ ବ୍ୟବସାୟୀଙ୍କର ରିଟର୍ଣ୍ଣ ଦାଖଲକୁ ଭିତ୍ତି କରି କର ନିର୍ଦ୍ଧାରଣ କରାଯାଇଛି ବୋଲି ବିବେଚନା କରାଯାଏ । କେନ୍ଦ୍ରୀୟ ବିକ୍ରୟ କର ଅଧିନରେ କର ନିର୍ଦ୍ଧାରଣ ପାଞ୍ଚ ବର୍ଷ ମଧରେ ସମ୍ପାଦନ କରିବା ଧାର୍ଯ୍ୟ କରାଯାଇଛି ।

ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରଙ୍କ ପ୍ରଦତ୍ତ ସୂଚନା (ଅଗଷ୍ଟ 2019) ଅନୁଯାୟୀ ସମ୍ମିଳିତ ଅଧିନିୟମ ଅଧିନରେ 2,438 ଟି କର ନିର୍ଦ୍ଧାରଣ 2018-19 ସୁଦ୍ଧା ପଡ଼ି ରହିଥିଲା । ସବିଶେଷ ତଥ୍ୟ ନିମ୍ନରେ ସାରଣୀ 2.3 ରେ ପ୍ରଦତ୍ତ ହେଲା ।

**ସାରଣୀ 2.3: ସମ୍ମିଳିତ ଅଧିନିୟମ ଅଧିନରେ ପଡ଼ିରହିଥିବା ନିର୍ଦ୍ଧାରଣ**

| ରାଜସ୍ୱ ଶୀର୍ଷ | ପ୍ରାରମ୍ଭିକ ଜମା | 2018-19 ରେ ଯୋଗ | ମୋଟ ବାକିଥିବା ନିର୍ଦ୍ଧାରଣ ସଂଖ୍ୟା | 2018-19 ମଧରେ ମୀମାଂସା ହୋଇଥିବା ମାମଲା | ବର୍ଷ ଶେଷରେ ଅନ୍ତିମ ଅବଶେଷ | ଫଏସଲାର ପ୍ରତିଶତ |
|---|---|---|---|---|---|---|
| 0040- ବିକ୍ରୟ, ବାଣିଜ୍ୟ କର ଇତ୍ୟାଦି (ଓଭାଟ୍, ସିଏସ୍‌ଟିକୁ ମିଶାଇ) | 3,117 | 1,405 | 4,522 | 2,392 | 2,130 | 52.89 |
| 0042- ଦ୍ରବ୍ୟ ଓ ଯାତ୍ରୀ ଉପରେ କର (ପ୍ରବେଶ କରକୁ ମିଶାଇ) | 74 | 620 | 694 | 388 | 308 | 55.91 |
| ମୋଟ | **3,191** | **2,025** | **5,216** | **2,780** | **2,438** | **-** |

**(ଉତ୍ସ: ବାଣିଜ୍ୟ କର ଓ ଦ୍ରବ୍ୟ ସେବା କର କମିଶନର)**

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ଓଭାଟ୍ ଓ ସିଏସ୍‌ଟି ଅଧିନିୟମ ଅନ୍ତର୍ଗତ ମାମଲା ଗୁଡ଼ିକର କର ନିର୍ଦ୍ଧାରଣ ଫଏସଲା, ପ୍ରବେଶ କର ଅଧିନରେ ପଡ଼ିରହିଥିବା ମୋଟ ମାମଲା ଗୁଡ଼ିକର 52.89 ପ୍ରତିଶତ ଏବଂ 55.91 ପ୍ରତିଶତ ଥିଲା ।

ଏହା ସୁଚିତ କଲା ଯେ ବିଭାଗ 31 ଅକ୍ଟୋବର 2018 ସୁଦ୍ଧା କର ନିର୍ଦ୍ଧାରଣ ସମ୍ପୂର୍ଣ୍ଣ କରିବା ସକାଶେ ପରିପତ୍ର ସଂଖ୍ୟା 45831 ସିଟି/ ତା-20-03-2018 ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ[23] ହାସଲ କରିବାରେ ବିଭାଗ ପ୍ରଭାବି ପଦକ୍ଷେପ ନେଇ ନଥିଲା ।

## 2.7.4 ଅମୀମାଂସିତ କର ଫେରସ୍ତ ମାମଲା

ଓଡ଼ିଶା ଜିଏସ୍‌ଟି ଅଧିନିୟମ, 2017 ର ଧାରା 54 ଅନୁଯାୟୀ ଜଣେ ବ୍ୟକ୍ତି ପୈଠ କରିଥିବା କର ଏବଂ ତଦୁପରି ପ୍ରଦତ୍ତ ସୁଧ ଫେରସ୍ତ ପାଇଁ ବିହିତ ହୋଇଥିବା ନିର୍ଦ୍ଦିଷ୍ଟ ଫର୍ମ ଓ ପଦ୍ଧତିରେ ପ୍ରଯୁଜ୍ୟ ତାରିଖର ଦୁଇ ବର୍ଷ ଶେଷ ହେବା ପୂର୍ବରୁ ଆବେଦନ କରିପାରିବେ ।

ଦ୍ରବ୍ୟ ଓ ସେବା କର ଅଧିନିୟମ, 2017 ର ଧାରା 142 (3) ଅନୁଯାୟୀ ପୈଠ ହୋଇଥିବା ନିବେଶ କର ଜମା, କର, ସୁଧ ଏବଂ ଅନ୍ୟ କୌଣସି ପରିମାଣ କର ପଇଠର ଫେରସ୍ତ ପାଇଁ ଯଦି କୌଣସି ବ୍ୟବସାୟୀ ଜିଏସ୍‌ଟି ନିୟମ ପ୍ରଣୟନ ତାରିଖରେ, ପୂର୍ବରୁ କିମ୍ବା ପରେ ଦାବି ଉପସ୍ଥାପନ କରିଥାନ୍ତି, ତାହା ପ୍ରଚଳିତ ନିୟମର ବ୍ୟବସ୍ଥା ଅନୁସାରେ ଫଏସଲା କରାଯିବ ଏବଂ ପରିଶେଷରେ ଅର୍ଥ ଫେରସ୍ତ ହେଲେ ତାଙ୍କୁ ସେହି ନିୟମର ବ୍ୟବସ୍ଥା ଅନୁସାରେ ନଗଦ ଟଙ୍କା ଆକାରରେ ଫେରସ୍ତ ଦିଆଯିବ ।

23 ତା-01.10.2015 ସୁଦ୍ଧା ଓ ପରବର୍ତ୍ତୀ ଦିନ ରଦ୍ଦ କରାଯାଇଥିବା ଅମୀମାଂସିତ ମାମଲା ଗୁଡ଼ିକର ପୁନଃ କର ବସାଣ 30.09.2015 ଏବଂ ଆଦେଶ ତାରିଖ ଦିନ ଠାରୁ ତିନି ବର୍ଷ ମଧରେ ସମ୍ପୂର୍ଣ୍ଣ କରିବାର ଥିଲା । ବର୍ଷ 2017-18 କିମ୍ବା ତା ପୂର୍ବ କାଳାବଧି ଅମୀମାଂସିତ କର ନିର୍ଦ୍ଧାରଣ ମାମଲାଗୁଡ଼ିକ 30.06.2018 ସୁଦ୍ଧା ସମ୍ପୂର୍ଣ୍ଣ କରିବା ଆବଶ୍ୟକ । ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କମିଶନରଙ୍କ ଦ୍ୱାରା ମାର୍ଚ୍ଚ 2018 ରେ ଚୟନ ହୋଇଥିବା ବ୍ୟବସାୟୀ ମାନଙ୍କର କର ନିର୍ଦ୍ଧାରଣ ତା 31.03.2019 ସୁଦ୍ଧା ସମ୍ପୂର୍ଣ୍ଣ ହେବା ଉଚିତ୍ ଥିଲା ।

ବାଣିଜ୍ୟ କର ଓ ଦ୍ରବ୍ୟ ଓ ସେବା କର କମିଶନର, ଓଡ଼ିଶାଙ୍କ ପ୍ରଦତ୍ତ ତଥ୍ୟ (ଅଗଷ୍ଟ 2019) ଅନୁଯାୟୀ 545.30 କୋଟି ଟଙ୍କାର 2,600 ଟି ଆବେଦନ 2018-19 ଅବଧି ମଧ୍ୟରେ ପ୍ରାପ୍ତି ହୋଇଥିଲା । 2,600 ଟି ମାମଲା ମଧ୍ୟରୁ, 479.92 କୋଟି ଟଙ୍କା ଜଡ଼ିତ ଥିବା 2,161 ଆବେଦନର ଫଏସଲା କରାଯାଇଥିଲା, ଯାହାକି ସାରଣୀ 2.4 ରେ ଦର୍ଶାଗଲା ।

**ସାରଣୀ 2.4 : ପଡ଼ିରହିଥିବା ଅର୍ଥ ଫେରସ୍ତ ମାମଲା**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ସବିଶେଷ ବିବରଣୀ | ଜିଏସ୍‌ଟି/ବିକ୍ରୟ କର/ ଭାଟ | | ପ୍ରବେଶ କର | |
|---|---|---|---|---|---|
| | | ମାମଲା ସଂଖ୍ୟା | ରାଶି | ମାମଲା ସଂଖ୍ୟା | ରାଶି |
| 1 | ବର୍ଷ ଆରମ୍ଭରେ ବାକି ଥିବା ଦାବି | 675 | 190.80 | 99 | 40.89 |
| 2 | ବର୍ଷ ମଧ୍ୟରେ ଗ୍ରହଣ ହୋଇଥିବା ଦାବି | 2,392 | 494.48 | 208 | 50.82 |
| | **ମୋଟ (1+2)** | **3,067** | **685.28** | **307** | **91.71** |
| 3 | ବର୍ଷ ମଧ୍ୟରେ ହୋଇଥିବା ଅର୍ଥ ଫେରସ୍ତ | | | | |
| | **(କ)** ମଞ୍ଜୁର ହୋଇଥିବା ଅର୍ଥ ଫେରସ୍ତ | 1,995 | 449.8 | 166 | 30.12 |
| | **(ଖ)** ଖାରଜ/ ବ୍ୟବସ୍ଥିତ ଅର୍ଥ ଫେରସ୍ତ | 764 | 176.57 | 85 | 47.39 |
| | **ମୋଟ (କ + ଖ)** | **2,759** | **626.37** | **251** | **77.51** |
| 4 | ବର୍ଷ ଶେଷରେ ଅନ୍ତିମ ଅବଶେଷ | 308 | 58.91 | 56 | 14.20 |

**(ଉତ୍ସ: ବାଣିଜ୍ୟ କର ଓ ଦ୍ରବ୍ୟ ସେବା କର କମିଶନର)**

ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର କମିଶନର କର ଫେରସ୍ତ ଦାବି ଗୁଡିକ ଦରଖାସ୍ତ ପ୍ରାପ୍ତି ତାରିଖରୁ ତିନି ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ପରିପତ୍ର ସଂଖ୍ୟା-45831 ସିଟି/ତା-20.03.2018 ଜରିଆରେ ନିର୍ଦ୍ଦେଶ ଜାରି କରିଥିଲେ (ମାର୍ଚ୍ଚ 2018) । ବର୍ଷ 2018-19 ରେ ପ୍ରାପ୍ତି ଦାବିଗୁଡ଼ିକର ନିକାସ କରିବାରେ ସମ୍ପୃକ୍ତ କର ନିର୍ଦ୍ଧାରଣ ପ୍ରାଧିକାରୀ କୌଣସି ପ୍ରଭାବୀ ପଦକ୍ଷେପ ନେଇ ନଥିଲେ (ଅଗଷ୍ଟ 2019) ।

ସମ୍ମିଳିତ ଅଧିନିୟମ ଅଧିନରେ ବକେୟା ଥିବା କର ନିର୍ଦ୍ଧାରଣ ଏବଂ କର ଫେରସ୍ତ ଦାବି ଗୁଡ଼ିକ ଯଥାକ୍ରମେ ସାରଣୀ 2.3 ଏବଂ 2.4 ରେ ବକେୟା ଥିବାର ମଧ ଉଲ୍ଲେଖ କରାଯାଇଅଛି ।

## 2.7.5 ଜିଏସ୍‌ଟି ତଥ୍ୟ ଆଦାନ ପ୍ରଦାନର ସ୍ଥିତି

ଓଡ଼ିଶା ଆଦର୍ଶ-II ରାଜ୍ୟ ହୋଇଥିବା ହେତୁ ଜିଏସ୍‌ଟି ତଥ୍ୟର ଆକ୍‌ସେସ୍ ଜିଏସ୍‌ଟି ନେଟ୍ ୱାର୍କ ଦ୍ୱାରା ହୋଇଥାଏ । ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିଶନରଙ୍କ ଅଧିନରେ ଥିବା ସମସ୍ତ ରେଞ୍ଜ/ ମଣ୍ଡଳ କାର୍ଯ୍ୟାଳୟ ରାଜ୍ୟ ବ୍ୟାପି ଏମ୍‌ପିଏଲ୍‌ଏସ୍ ନେଟ୍‌ୱାର୍କ ମାଧମରେ ଓଡ଼ିଶା ରାଜ୍ୟ ତଥ୍ୟ କେନ୍ଦ୍ର ସହ ସଂଯୋଗ ହୋଇଛି । ସମୀକ୍ଷା ଯାଞ୍ଚ ଅର୍ଥାତ୍ ରିଟର୍ଣ୍ଣ ଯାଞ୍ଚ, କମ୍ପୋଜିଟ୍ କର ବସାଣ ବ୍ୟବସାୟୀ ମାନଙ୍କ ପୁଙ୍ଖାନୁପୁଙ୍ଖ ବିବରଣ, କର ଦେୟ ବିବରଣ, ବ୍ୟବସାୟୀମାନଙ୍କ ଦ୍ୱାରା ଆଇଟିସି ଦାବି ତଥ୍ୟ ବିଶ୍ଳେଷଣ ଆବଶ୍ୟକ କରେ । ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର କମିଶନର, ଓଡ଼ିଶାଙ୍କୁ ରାଜ୍ୟର ଜିଏସ୍‌ଟି ତଥ୍ୟ ଯୋଗାଇ ଦେବା ପାଇଁ ଏହି କାର୍ଯ୍ୟାଳୟ ଅନୁରୋଧ କରିଥିଲେ । ଉପରୋକ୍ତ କମିଶନର ସଂପୃକ୍ତ ତଥ୍ୟକୁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ଆଦାନ ପ୍ରଦାନ କରିବାରେ ଆପତ୍ତି ନାହିଁ ବୋଲି ଜିଏସ୍‌ଟି ନେଟ୍ ୱାର୍କକୁ ଜଣାଇଥିଲେ । ଏହି ସମ୍ବନ୍ଧରେ, କେନ୍ଦ୍ରୀୟ ପରୋକ୍ଷ କର ଏବଂ ଶୁଳ୍କ ବୋର୍ଡ (ସିବିଆଇସି) ଏବଂ ସମସ୍ତ ରାଜ୍ୟମାନଙ୍କ ପାଇଁ ଏକରୂପ ପ୍ରଟୋକଲ ବିକଶିତ କରିବା ଉଦ୍ଦେଶ୍ୟରେ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗରେ ସକ୍ରିୟ ବିଚାରାଧିନ ରହିଥିବା ଜିଏସଟିଏନ୍ ସୂଚନା ଦେଇଥିଲେ ।

## 2.7.6. ବିଭାଗ ଦ୍ୱାରା ଜିଏସ୍‌ଟିଏନ୍ ତଥ୍ୟାବଳୀକୁ ଆକ୍‌ସେସର ସ୍ଥିତି

- ସମସ୍ତ ଆଦର୍ଶ-II ରାଜ୍ୟ ମାନଙ୍କ ପାଇଁ ଜିଏସ୍‌ଟି ସମ୍ବନ୍ଧୀୟ ତଥ୍ୟାବଳୀକୁ ଆକ୍‌ସେସ୍ ପାଇଁ ଜିଏସ୍‌ଟିଏନ୍ ଏକ ସାଧାରଣ ବ୍ୟାକ୍ ଅଫିସ୍ ଆପ୍ଲିକେସନ ବିକଶିତ କରିଅଛି ଯାହାକି ଏକ ବ୍ୟବହାରୀ ନେଟ୍ ୱାର୍କ ସମୂହ ଦେଇ ରାଜ୍ୟର ସମସ୍ତ କାର୍ଯ୍ୟାଳୟ ମାନଙ୍କ ତଥ୍ୟକୁ ଆକ୍‌ସେସ୍ କରିବାର ବ୍ୟବସ୍ଥା ଅଛି ।

- ତଥ୍ୟାବଳୀକୁ ଆକ୍ସେସ୍ ନିମନ୍ତେ, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର କମିଶନର, ଓଡ଼ିଶାଙ୍କ ଠାରୁ ସହକାରୀ ବାଣିଜ୍ୟ କର ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ୟୁଜର ଆଇଡି ତଥା ପାସ୍ ୱାର୍ଡ ପ୍ରଦାନ କରାଯାଇଅଛି ।
- ପ୍ରଦତ୍ତ ୟୁଜର ଆଇଡି ଓ ପାସ୍ ୱାର୍ଡର ବ୍ୟବହାର କରି, ନିଜ ନିଜର କ୍ଷେତ୍ରାଧିକାର ଓ ନିର୍ଦ୍ଦିଷ୍ଟ ଭୂମିକାକୁ ନେଇ ଅଧିକାରୀଗଣ ଜିଏସ୍‌ଟି ବ୍ୟାକ୍-ଅଫିସ୍ ଆପ୍ଲିକେସନ ମାଧ୍ୟମରେ ତଥ୍ୟାବଳିକୁ ଆକ୍ସେସ୍ କରି ଜିଏସ୍‌ଟି ତଥ୍ୟକୁ ଦେଖିପାରିବେ ।
- ପ୍ରତ୍ୟେକ ଅଧିକାରୀଙ୍କୁ ନିୟମାନୁସାରେ ବୈଧାନିକ କାର୍ଯ୍ୟ ପ୍ରାଧିକୃତ କରାଯାଇଛି ଏବଂ ତଦନୁସାରେ ସେମାନେ ନିରୂପିତ ବୈଧାନିକ କାର୍ଯ୍ୟକୁ ଆକ୍ସେସ୍ କରିଥାନ୍ତି ।
- ପଞ୍ଜୀକରଣ ଏବଂ ରିଟର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଏସ୍‌ଏଫ୍‌ଟିପି ସର୍ଭର ମାଧ୍ୟମରେ ଜିଏସ୍‌ଟିଏନ୍, ସମସ୍ତ ରାଜ୍ୟମାନଙ୍କୁ ତଥ୍ୟ ପ୍ରଦାନ କରେ । ଏସ୍‌ଏଫ୍‌ଟିପି ମାଧ୍ୟମରେ ଆଦାନ ପ୍ରଦାନ ହେଉଥିବା ପ୍ରଧାନ ତଥ୍ୟକୁ ରାଜ୍ୟମାନେ ଆଣିଥାନ୍ତି ।

ଯଦିଓ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର କମିଶନର, ଓଡ଼ିଶା ସଂପୃକ୍ତ ତଥ୍ୟକୁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସହ ସହଭାଗୀ ହେବାରେ ଆପତ୍ତି ନାହିଁ ବୋଲି ଜିଏସ୍‌ଟିଏନ୍‌କୁ ଦର୍ଶାଇଥିଲେ, ଜିଏସ୍‌ଟି ପରିଷଦର ଆଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ଜିଏସ୍‌ଟିଏନ୍, ଓଡ଼ିଶା ସରକାରଙ୍କୁ କହିଥିଲେ । ଯାହାହେଉ, ମାର୍ଚ୍ଚ 2019 ସୁଦ୍ଧା କୌଣସି ଯୋଗାଯୋଗ ପ୍ରାପ୍ତି ହୋଇନଥିଲା ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସାମ୍ବିଧାନିକ ଜନାଦେଶକୁ ପୂରଣ କରିବା ପାଇଁ, ଜିଏସ୍‌ଟି ସଂଗ୍ରହରେ ସ୍ୱୟଂକ୍ରିୟତା ସହିତ ସମସ୍ତ ଦେଣନେଣର ସାଧାରଣ ଯାଞ୍ଚକୁ ବ୍ୟାପକ ଢାଞ୍ଚାରେ ପରିବର୍ତ୍ତନ କରିବା ଆବଶ୍ୟକତା ରହିଛି । ସିଏଜିଙ୍କ କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ (ଡିପିସି) ଅଧିନିୟମ, 1971 ର ଧାରା 18 ଅନୁସାରେ ସିଏଜି ଯେକୌଣସି ନଥି, ହିସାବ ଏବଂ ଅନ୍ୟାନ୍ୟ ଦସ୍ତାବିଜଗୁଡ଼ିକୁ ଆକ୍ସେସ୍ ପାଇଁ କ୍ଷମତା ରହିଛି, ଯାହାକି ତାଙ୍କର ତଦନ୍ତ ପାଇଁ ପ୍ରାସଙ୍ଗିକ ଅଟେ । ପୁନଶ୍ଚ, ଡିପିସି ଅଧିନିୟମର ଧାରା 16 ଅନୁଯାୟୀ ଭାରତ ଏବଂ ପ୍ରତ୍ୟେକ ରାଜ୍ୟର ଏକତ୍ରୀକୃତ ନିଧିକୁ ପ୍ରଦେୟ ସମସ୍ତ ପ୍ରାପ୍ତିର ସମୀକ୍ଷା କରିବା ସିଏଜିଙ୍କର କର୍ତ୍ତବ୍ୟ । ସୁତରାଂ, ଜିଏସ୍‌ଟିର ସମସ୍ତ ଦେଣନେଣ ସଂପର୍କିତ ତଥ୍ୟାବଳୀକୁ ଆକ୍ସେସ୍ ସୁବିଧା ନଥିବା ଏହି ବର୍ଷର ଜିଏସ୍‌ଟି ପ୍ରାପ୍ତିର ବ୍ୟାପକ ସମୀକ୍ଷା ପଥରେ ଏକ ଅନ୍ତରାୟ ସୃଷ୍ଟି କରିଅଛି ।

## ସୁପାରିଶ:

1. **ବିଭାଗ, କେବଳ ଜିଏସ୍‌ଟି ପ୍ରଶାସନ ଉପରେ କାର୍ଯ୍ୟ କେନ୍ଦ୍ରୀଭୂତ କରିବା ପାଇଁ ସମ୍ମିଳିତ ଅଧିନିୟମ ଅଧିନରେ ଥିବା କର ନିର୍ଦ୍ଧାରଣ ମାମଲାଗୁଡ଼ିକୁ ଠିକ୍ ସମୟରେ ଚୂଡ଼ାନ୍ତ କରିବା ଆବଶ୍ୟକ ।**
2. **ବିଭାଗ, କେବଳ ଜିଏସ୍‌ଟି ପ୍ରଶାସନରେ କାର୍ଯ୍ୟ କେନ୍ଦ୍ରିଭୁତ କରିବା ପାଇଁ ସମ୍ମିଳିତ ଅଧିନିୟମ ଅଧିନରେ ସମସ୍ତ ବାକି ରହିଥିବା ଅର୍ଥ ଫେରସ୍ତ ମାମଲା ଗୁଡ଼ିକୁ ଫଏସଲା କରିବା ପାଇଁ ଫଳପ୍ରଦ ପଦକ୍ଷେପ ନେବା ଆବଶ୍ୟକ ।**
3. **ସରକାର, ଆଭ୍ୟନ୍ତରୀଣ ସମୀକ୍ଷା ବ୍ୟବସ୍ଥାକୁ ଉନ୍ନତ କରି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ସୁଧାର ଆଣିବା ଆବଶ୍ୟକ ଯାହା ଦ୍ୱାରା ଭବିଷ୍ୟତରେ ଏହି ଭଳି ମାମଲା ଗୁଡ଼ିକର ନିବାରଣ କରାଯାଇ ପାରିବ ।**

## ଉପସଂହାର

ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଭଳି ତ୍ରୁଟିଗୁଡ଼ିକ ଅଡିଟରେ ପ୍ରତିବର୍ଷ ଦର୍ଶାଯାଉଥିଲେ ମଧ ଅଧିକାଂଶ ତ୍ରୁଟିର କେବଳ ପୁନରାବୃତ୍ତି ହୋଇନଥିଲା ବରଂ ପରବର୍ତ୍ତୀ ସମୀକ୍ଷା ହେବା ପର୍ଯ୍ୟନ୍ତ ସେଗୁଡ଼ିକର ସନ୍ଧାନ ହୋଇନଥିଲା । ଏହା ସୂଚିତ କଲା ଯେ ବିଭାଗର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ସଶକ୍ତିକରଣ କରିବା ଆବଶ୍ୟକ ।